O2000019

# ODIA

*Maximum Marks: 80*
*Time Allotted: Three Hours*
*Reading Time: Additional Fifteen minutes*

## Instructions to Candidates

1. You are allowed an **additional fifteen minutes** for **only** reading the question paper.
2. You must **NOT** start writing during reading time.
3. This question paper has **8 printed pages.**
4. It is divided into **two sections: Section A and Section B.**
5. It has **fifteen questions** in all.
6. **Section A** has **three questions.** All questions are compulsory.
7. While attempting **Multiple Choice Questions** in Section A, you are required to **write only ONE option as the answer**.
8. **Section B** has **twelve questions**. You are required to attempt **any four** questions in this section on **any three** out of the four prescribed textbooks.
9. The intended marks for questions are given in brackets [ ].

## Instruction to Supervising Examiner

1. Kindly read **aloud** the Instructions given above to all the candidates present in the examination hall.


© Copyright reserved.

## SECTION A
## LANGUAGE - 40 MARKS

**Question 1** **[15]**

**Write a composition in approximately 400 words in Odia on any *one* of the topics given below.**

ନିମ୍ନଲିଖିତ ବିଷୟ ମଧ୍ୟରୁ ଯେ କୌଣସି ଗୋଟିଏ ବିଷୟରେ ଏକ ରଚନା ଓଡ଼ିଆ ଭାଷାରେ ପ୍ରାୟ ୪୦୦ ଶବ୍ଦରେ ଲେଖ :-

(i) ଭାରତର ଏକ ସମସ୍ୟା ବିଷୟରେ ବର୍ଣ୍ଣନା କରି ଏହାର ସମାଧାନ କିପରି ହୋଇ ପାରିବ ସେ ବିଷୟରେ ଲେଖ।

(ii) ମୋବାଇଲ ଫୋନ ଆଜିର ସମାଜ ଉପରେ କି ପ୍ରଭାବ ପକାଉଛି ସେ ବିଷୟରେ ଉଲ୍ଲେଖ କର।

(iii) ସହର ଜୀବନରେ ଟ୍ରାଫିକ୍ ଜାମ୍ ହେବା ଦ୍ୱାରା କିପରି ଜନଜୀବନ ସ୍ଥିର ଓ ବ୍ୟସ୍ତ ବିବ୍ରତ ହୋଇଥାଏ।

(iv) ସାମ୍ପ୍ରତିକ ଯୁଗରେ ପର୍ଯ୍ୟଟନ ବା ଭ୍ରମଣର ଉପାଦେୟତା।

(v) ଯେଉଁ ଦେଶର ନାଗରିକ ସମୟର ମୂଲ୍ୟ ବୁଝିଛନ୍ତି ସେ ଦେଶ ସେତେ ଅଗ୍ରଗତି କରିଛି। ତେଣୁ ଛାତ୍ର ଜୀବନରେ ସମୟର ମୂଲ୍ୟ ନିରୁପଣ କର।

(vi) ନିମ୍ନୋକ୍ତ ପ୍ରବାଦ ମଧ୍ୟରୁ ଯେ କୌଣସି ଗୋଟିଏ ବିଷୟରେ କ୍ଷୁଦ୍ର ଗଳ୍ପ ଲେଖ।

(a) ଅଭାବ ହିଁ ଉଦ୍ଭାବନର ଜନନୀ।

(b) ଚାଲି ନଜାଣି ବାଟର ଦୋଷ।

**Question 2**

**Read the passage given below carefully and answer the questions that follow, using your own words in Odia.**

**ନିମ୍ନୋକ୍ତ ଗଦ୍ୟାଂଶ ଟି ପଢ଼ ଓ ନିମ୍ନଲିଖିତ ପ୍ରଶ୍ନ ଗୁଡ଼ିକର ଉତ୍ତର ଓଡ଼ିଆ ଭାଷାରେ ଲେଖ।**

[ମଦର ଟେରେସା]

ମଦର ଟେରେସାଙ୍କ ନାମ ଥିଲା ଏଗନେସ୍ ଗମକସହ ବୟାକସହୁ। ୧୯୧୦ ମସିହା ଅଗଷ୍ଟ ୨୭ ତାରିଖରେ ଯୁଗୋସ୍ଲୋଭିଆର ସ୍କୋପେଜ୍ ସହରରେ ଏଗନେସ୍ ଙ୍କଜନ୍ମ । ତାଙ୍କର ପିତା ଆଲବାନିଆରୁ ସ୍କୋପେଜ୍ ଆସିଥାନ୍ତି ବ୍ୟବସାୟ କରିବା ଉଦ୍ଦେଶ୍ୟରେ ।ସ୍କୋପେଜ୍ ସହରର ଗୋଟିଏ ସରକାରୀ ବିଦ୍ୟାଳୟରେ ପଢୁଥିଲେ। ସେ ଯେପରି ସେଧାବିନୀ ସେହିପରି କଷ୍ଟ ସହିଷ୍ଣୁ। ବିଭିନ୍ନ ସେବାମୂଳକ କାର୍ଯ୍ୟ କରିବାରେ ତାଙ୍କର ବହୁତ ଆଗ୍ରହ । ଦୁଃଖୀ ଓ ଦରିଦ୍ରମାନଙ୍କ ସେବାରେ ନିଜକୁ ନିୟୋଜିତ କରିବାପାଇଁ ସେ ମନେମନେ ଦୃଢନିଶ୍ଚିତ ହୋଇଥାଆନ୍ତି। ତରୁଣ ବୟସରେ ଅନେକ କୋମଳମତି ଛାତ୍ରଛାତ୍ରୀ ପ୍ରତିଜ୍ଞାବଦ୍ଧ ହୁଅନ୍ତି; କିନ୍ତୁ ଶିକ୍ଷା ସମାପ୍ତି ପରେ ପ୍ରତିଜ୍ଞାର ମୃତ୍ୟୁ ଘଟେ ସେମାନେ ସାଧାରଣ ତେଲଲୁଣ ଦୁନିଆରେ ବୁଡିଯାଆନ୍ତି । ବିଦ୍ୟାଳୟ ବା ବିଶ୍ୱବିଦ୍ୟାଳୟ ଶିକ୍ଷା ପରେ ସେ ପ୍ରତିଜ୍ଞା ଓ ଆଦର୍ଶ ଭୋଗରେ ରୂପାନ୍ତରିତ ହୁଏ। ବିଳାସବ୍ୟସନ, ସୁଖସ୍ୱାଛନ୍ଦ୍ୟ ଆଡ଼କୁ ସେମାନେ ପ୍ରଧାବିତ ହୁଅନ୍ତି।

ଏଗନେସ୍ ଥିଲେ ତାର ଏକ ଦୃଢ ବ୍ୟତିକ୍ରମ। ନିଜର ପ୍ରତିଜ୍ଞା କିପରି କାର୍ଯ୍ୟରେ ପରିଣତ ହେବ ଏହା ହିଁ ଥିଲା ତାଙ୍କ ଜୀବନର ଧ୍ରୁବବ୍ରତ।ସେତେବେଳେ ଖ୍ରୀଷ୍ଟିଆନ ପାଦ୍ରୀମାନେ ଦେଶ ଦେଶ ବୁଲି ଦୀନ,ନିଷ୍ପେଷିତ, ଦୁସ୍ଥ ତଥା ରୋଗୀମାନଙ୍କର ସେବା କରୁଥାନ୍ତି। ସେହିପରି କେତେକ ପାଦ୍ରୀଙ୍କ ଆଦର୍ଶ ଅନୁସରଣ କରିବାକୁ ଏଗନେସ୍ ଚେଷ୍ଟା କରୁଥିଲେ। ଆମ ଦେଶ କଲିକତା ନଗରୀରେ କେତେକ ପାଦ୍ରୀ ଏହିପରି ସେବାକାର୍ଯ୍ୟ କରୁଥିଲେ। ଏଗନେସ୍ ସେମାନଙ୍କ ନିକଟକୁ ଚିଠି ଲେଖିଥାନ୍ତି। ପାଦ୍ରୀ ମାନଙ୍କଠାରୁ ଯେଉଁ ଉତ୍ତର ଆସେ ସେଥିରେ ଥାଏ ଭଗବାନ ଯୀଶୁଙ୍କର ବାଣୀ ଓ ଅସହାୟ ବ୍ୟକ୍ତି ପ୍ରତି ମନୁଷ୍ୟର କର୍ତ୍ତବ୍ୟ ସମ୍ପର୍କରେ କେତେକ କଥା । . ଏହି ଚିଠି ସବୁ ତାଙ୍କୁ ମନୁଷ୍ୟର ସେବା ଆଡ଼କୁ ଅଧିକ ଆକର୍ଷିତ କରୁଥିଲା ।ଏଗନେସ୍ ଙ୍କ ପିତା ଏସବୁ ଲକ୍ଷ୍ୟ କରୁଥିଲେ। ସାଂସାରିକ ମାୟାବନ୍ଧନ ଏଗନେସ୍ ଙ୍କୁ ଯେ ସଂକୀର୍ଣ୍ଣତାରେ ବାନ୍ଧିପାରିବ ନାହିଁ ଏ କଥା ସେ ବେଶ୍ ହୃଦୟଙ୍ଗମ କରିଥିଲେ।

(i) ବାଲ୍ୟ କାଳରୁ ଏଗନେସ୍ କେଉଁ ସବୁ ବିଷୟରେ ବହୁତ ଆଗ୍ରହ ପ୍ରକାଶ କରୁଥିଲେ?ସେ କଣ କରିବା ପାଇଁ ମନେମନେ ଦୃଢ଼ନିଶ୍ଚୟ ହୋଇଥିଲେ? **[3]**

(ii) ଏଗନେସ୍ କେଉଁ କଥାର ଦୃଢ଼ ବ୍ୟତିକ୍ରମ ଥିଲେ ? ତାଙ୍କ ଜୀବନର ଧ୍ରୁବବ୍ରତ କ'ଣ ଥିଲା ? **[3]**

(iii) ଏଗନେସ୍ ଙ୍କ ପିତା କ'ଣ ହୃଦୟଙ୍ଗମ କରିଥିଲେ? **[3]**

(iv) ଠିକ୍ ଉତ୍ତର ବାଛି ଲେଖ:

(a) ମଦର ଟେରେସା କେଉଁ ସହରରେ ଜନ୍ମ ଗ୍ରହଣ କରିଥିଲେ? **[1]**

(1) ଆଲବାନିଆ

(2) ପାରିସ୍

(3) କଲିକତା

(4) ସ୍କୋପେଜ୍

(b) ଏଗନେସ୍ କେଉଁମାନଙ୍କ ପାଖକୁ ଚିଠି ଲେଖିଥାନ୍ତି ? **[1]**

(1) ଡିକନ୍

(2) ପ୍ରାଚୀନ

(3) ପାଦ୍ରୀ

(4) ବିଷପ

(c) ଏଗନେସ୍ ଙ୍କ ବାପା କେଉଁ ସହରର ମୂଳ ବାସୀନ୍ଦା ଥିଲେ? **[1]**

(1) ଆଲବାନିଆ

(2) ପାରିସ୍

(3) କଲିକତା

(4) ସ୍କୋପେଜ୍

(v) ଠିକ୍ ଉତ୍ତର ବାଛି ଲେଖ:

(a) ଏଗନେସ୍ କେତେ ମସିହା ରେ ଜନ୍ମ ଗ୍ରହଣ କରିଥିଲେ? [1]

(1) ୧୯୧୦

(2) ୧୯୧୫

(3) ୧୯୨୦

(4) ୧୯୨୫

(b) ଖ୍ରୀଷ୍ଟିଆନ ପାଦ୍ରୀମାନେ ଦେଶ ଦେଶ ବୁଲି କ'ଣ କରୁଥିଲେ? [1]

(1) ଧର୍ମ ପ୍ରଚାର

(2) ସେବା

(3) ଶୋଷଣ

(4) ବିପ୍ଳବ

(c) ଦୀନ, ନିଷ୍ପେଷିତ, ଦୁଷ୍ଟ ତଥା ରୋଗୀମାନଙ୍କରେ ସେବା କିଏ କରୁଥିଲା? [1]

(1) ଏଗନେସ୍

(2) ଏଗନେସ୍ ଙ୍କ ବାପା

(3) ଯୀଶୁ

(4) ପାଦ୍ରୀ

**Question 3**

**(A) Correct the following sentences and re-write as per the instruction given.**

(ନିର୍ଦ୍ଦେଶ ଅନୁସାରେ ଉତ୍ତର ଲେଖ:)

(i) ନିମ୍ନଲିଖିତ ବାକ୍ୟକୁ ଶୁଦ୍ଧ ରୂପରେ ଲେଖ। [1]

ଆଜିକାଲି ପ୍ରତ୍ୟେକ ପିଲାମାନଙ୍କର ଅନ୍ୟ ବହି ପଢ଼ିବା କମିଗଲାଣି।

(ii) ଶୂନ୍ୟ ସ୍ଥାନରେ ଉପଯୁକ୍ତ ଶବ୍ଦ ଲେଖି ବାକ୍ୟଟିକୁ ପୂର୍ଣ୍ଣ କର। [1]

ମହାବାତ୍ୟାରେ ଲୋକଙ୍କର ଧନ ---- - -- - - ନଷ୍ଟ ହୋଇଗଲା।

(iii) ନିମ୍ନଲିଖିତ ବାକ୍ୟ ମଧ୍ୟରୁ ଶୁଦ୍ଧ ବାକ୍ୟଟିକୁ ଚୟନ କର। [1]

(a) ପ୍ରତ୍ୟେକ ଫୁଲ ଗୁଡ଼ିକର ବାସ ଚାରି ଦିଗକୁ ମହକାଇଦିଏ।

(b) ସବୁ ନିକମା ଲୋକମାନେ ଦୁଃଖ ପାଆନ୍ତି।

(c) ବହୁ ଘଟଣାବଳୀ ଘଟୁଛି।

(d) ସବୁ ଛାତ୍ର ଗୀତ ଗାଇ ପାରନ୍ତି ନାହିଁ।

(iv) ଅବ୍ୟବସ୍ଥା ବାକ୍ୟଟିକୁ ସଜ୍ଜିତ ରୂପ ପ୍ରଦାନ କର। [1]

ଥରେ ମନ ଆଉ ଯୋଡ଼ି ଭାଙ୍ଗିଲେ ହୁଏନି।

(v) ବାକ୍ୟଟିର ଅର୍ଥ ନ ବଦଳାଇ ରେଖାଙ୍କିତ ଶବ୍ଦ ପାଇଁ ଅନ୍ୟ ଏକ ଶବ୍ଦ ଚୟନ କର। [1]

ଗୟଶ ଫୁଲରେ <u>ଗିରିଶ</u> ପୂଜା ହୁଏ।

(a) ଶିବ

(b) ବିଷ୍ଣୁ

(c) ବ୍ରହ୍ମା

(d) ସୂର୍ଯ୍ୟ

**(B) Use the Idioms in the sentences as per the instructions given.**

ନିର୍ଦ୍ଦେଶ ଅନୁସାରେ ରଢ଼ି ଶବ୍ଦର ବ୍ୟବହାର କର ।

(i) ନିମ୍ନଲିଖିତ ରଢ଼ି ଶବ୍ଦକୁ ବାକ୍ୟରେ ବ୍ୟବହାର କର। [1]

ଗୋଟିଏ ଚାଉଳରେ ଗଢ଼ା

(ii) ଉପଯୁକ୍ତ ରଡି ଶବ୍ଦ ଚୟନ କରି ଶୂନ୍ୟସ୍ଥାନ ପୂରଣ କର। [1]

ପିଲାଟି ଅତି ଦୁଷ୍ଟ ହେଉଛି,ତା ପ୍ରତି --------- ଉଚିତ।

(a) ଆଖି ପକାଇବା

(b) ଆଖି ରଖିବା

(c) ଆଖି ବୁଲାଇବା

(d) ଆଖି ଲାଖିରହିବା

(iii) ନିମ୍ନଲିଖିତ ବାକ୍ୟ ପାଇଁ ଉପଯୁକ୍ତ ରଢ଼ି ଶବ୍ଦ ଚୟନ କର। [1]

ରାମ ଅତି କୃପଣ, ତାକୁ ବିନା ଖର୍ଚ୍ଚରେ ଲାଭ ଉଠାଇବା କାଇଦା ଭଲ ଭାବରେ ଜଣା।

(a) ଖଣ୍ଡା ଧାରରେ ଚାଲିବା

(b) ଝିଣ୍ଟିକା ମାରି ବଣି ପୋଷିବା

(c) ଦଇବ ଦଉଡ଼ି ମଣିଷ ଗାଇ

(d) ମାଛ ତେଲରେ ମାଛ ଭାଜିବା

(iv) ନିମ୍ନଲିଖିତ ରଢ଼ି ଅର୍ଥ ପାଇଁ ଉପଯୁକ୍ତ ରଢ଼ି ଶବ୍ଦ ଚୟନ କର। [1]

'ଅଯୋଗ୍ୟ'

(a) କପାଳ ଫାଟିବା

(b) ଗୋବର ଗଣେଶ

(c) ଚିତା କାଟିବା

(d) ଦୀପତଳ ଅନ୍ଧାର

(v) ରଢ଼ି ଶବ୍ଦଟିକୁ ସଜ୍ଜିତ ରୂପ ଦେଇ ଶୁଦ୍ଧ କରି ଲେଖ। [1]

ପୋଥିଗତ ଧନ ହସ୍ତଗତ ପର ବିଦ୍ୟା ।

## SECTION B
## LITERATURE - 40 MARKS

*Answer **four** questions from this section on **any three** out of the four prescribed textbooks.*

ଚାରୋଟି ନିର୍ଦ୍ଦିଷ୍ଟ ପାଠ୍ୟ ପୁସ୍ତକରୁ ଯେ କୌଣସି ତିନୋଟି ପୁସ୍ତକ ମଧ୍ୟରୁ ଚାରୋଟି ପ୍ରଶ୍ନର ଉତ୍ତର ଦିଅ

### ପଲ୍ଲିଶ୍ରୀ (PALLISHREE)

**Question 4**

" କନିଆଁ ଦେଖାଣି ଆର ଗାଁ ପାଟ-
ସାହାଣୀ ମଝିଆ ପୁଅ
କହିଗଲା କିନା ସରି ହେଲେ ହେବ
ହାଂଡ଼ିଶାଳ ଘରରୁଅ!!"

(i) ବର କାହିଁକି ଝିଅକୁ ପସନ୍ଦ କଲା ନାହିଁ? [1]

(ii) ଭୂଥ ନାହାକ ଝିଅ ମନରେ କାହିଁକି ଗର୍ବ କରୁଥିଲା? [2]

(iii) ପାଟ ସାହାଣୀର ମଝିଆ ପୁଅ ପସନ୍ଦ ନ କରିବାରୁ ଝିଅଟିର ପ୍ରତିକ୍ରିୟା କ'ଣ ଥିଲା? [2]

(iv) ମକଦ୍ଦମ ଝିଅର ଆତ୍ମସଂଳାପ ଓ ଅହଂପଣିଆ ବର୍ଣ୍ଣନା କର? [5]

**Question 5** [10]

ଏକ ନିଛକ ଶ୍ମଶାନ ଚିତ୍ର ପ୍ରଦାନରେ 'ଗ୍ରାମ ଶ୍ମଶାନ କବିତାର ସଫଳତା ଆଲୋଚନା କର।

**Question 6** [10]

'ଶିବ-ପୂଜା' କବିତାରେ ଶିବ ପୂଜା ଓ ଜାଗର ପାଳନର ପାରମ୍ପରିକ ଦୃଶ୍ୟର ଅବତାରଣ କର।

### ଗଳ୍ପ ବାରିଧି (GALPA BARIDHI)

**Question 7**

" ବୁଢ଼ା ରଜସଂକ୍ରାନ୍ତିକୁ ଚାହିଁ ରହିଥାଏ। ରଜସଂକ୍ରାନ୍ତି ଏଥର ତା'ର ଭାରି ଆନନ୍ଦର ଦନ;ତା ମା' ଲାଗି ସେ ଆସ୍ମାନତାରା ଶଙ୍ଖା ଆଣିବ, ମା' କେଡ଼େ ଖୁସି ହେବ!"

(i) ବୁଢ଼ା ଶଙ୍ଖାରି ଦୁଇଦିନେ ତିନିଦିନେ ସେ ଗାଁକୁ ଶଙ୍ଖା ବିକ୍ରି କରିବାକୁ କାହିଁକି ଆସୁଥିଲା? [1]

(ii) ରଜସଂକ୍ରାନ୍ତିଟି ଶଙ୍ଖାରି ବୁଢା ପାଇଁ କାହିଁକି ଆନନ୍ଦର ଦିନ ଥିଲା? [2]

(iii) ରଜସଂକ୍ରାନ୍ତି ବେଳକୁ ବୁଢ଼ାର ଅବସ୍ଥା କିପରି ଥିଲା? [2]

(iv) ବୁଢ଼ା ଶଙ୍ଖାରି ବୋହୂମା କୁ ଦେଖି ଭୋ ଭୋ କରି କାନ୍ଦି ଉଠିଲା କାହିଁକି? [5]

**Question 8** **[10]**

କଳିଙ୍ଗ ଶିଳ୍ପୀର ହୃତ୍ ଗୌରବ ଫେରାଇ ଆଣିବା ପ୍ରୟାସରେ ଉପସ୍ଥାପିତ ବୈଚିତ୍ର୍ୟମୟ କାଳ୍ପନିକ କାହାଣୀ ଅବତାରଣା କର।

**Question 9** **[10]**

ଡିମିରିଫୁଲ ଗଳ୍ପକୁ ଭିତ୍ତି କରି ଗଳ୍ପର ନାମକରଣର ସାର୍ଥକତା ପ୍ରତିପାଦନ କର।

## ଦିଗ ଦର୍ଶକ (DIG DARSAK)

**Question 10**

"ଛ'ବର୍ଷ ବୟସରେ ତାଙ୍କ ମା'ଙ୍କର ମୃତ୍ୟୁ ହୋଇଥିଲା। ନିଜକୁ ଷାଠିଏ ବର୍ଷ ହେବା ପର୍ଯ୍ୟନ୍ତ ସେ ନାରୀର କୋମଳତା ଓ ମାଧୁର୍ଯ୍ୟର ସଂସ୍ପର୍ଶରେ ଆସି ପାରିଲେ ନାହିଁ।ଏକ ପୁରୁଷ ଅଧ୍ୟୁଷିତ ବାତବରଣରେ ତାଙ୍କର ବାଲ୍ୟ ଜୀବନ ଅତିବାହିତ ହୋଇଥିଲା।"

(i) ଶିଳ୍ପୀ ଅନେକ ସମୟରେ ପରିହାସରେ କ'ଣ କହୁଥିଲେ? [1]

(ii) ଶିଳ୍ପୀ ନାରୀର କୋମଳତା ଓ ମାଧୁର୍ଯ୍ୟର ସଂସ୍ପର୍ଶରେ କାହିଁକି ଆସି ପାରିନଥିଲେ? [2]

(iii) 'ବେରଟୋଲଡ଼ୋ' ନାମକ ଶିଳ୍ପ କଳା କେନ୍ଦ୍ରରେ ମାଇକେଲଙ୍କ ମୁଖ୍ୟ କର୍ମ କ'ଣ ଥିଲା? [2]

(iv) ମାଇକେଲ ଏଞ୍ଜେଲୋଙ୍କ ଜୀବନରେ ଚିତ୍ରକଳାର ବ୍ୟୁତ୍ପତି କିପରି ହୋଇଥିଲା। [5]

**Question 11** **[10]**

ଡ଼ାରଉଇନ୍ ବିବର୍ତ୍ତନବାଦ ଉପରେ ଗବେଷଣା କରି ତାଙ୍କର ଅନୁସିଦ୍ଧାନ୍ତ ଉପରେ ଦେଇଥିବା ଦୁଇଟି ଉଦାହରଣ ଉପସ୍ଥାପନା କର?

**Question 12** **[10]**

ଚିନ୍ତାନାୟକ ସକ୍ରେଟିସ୍ ଙ୍କ ଜିଦ୍ ଖୋର ମନୋଭାବ କେଉଁ ଘଟଣାରୁ ପ୍ରତିଫଳିତ ହୋଇଥିଲା ଆଲୋଚନା କର।

## ଛ' ମାଣ ଆଠ ଗୁଣ୍ଠ (CHHA MANA ATHAGUNTHA)

**Question 13**

“ମାଣିକ କହିଲା,'ସେ ସବୁ କଥା ଯାହା ହେଉ, ନୂଆ ବୋହୂ ପହରାଟା ଏକା ବଡ଼ ଖରାପ । ସେ ଏ ଘରେ ପାଦ ଦେବା ଦିନୁ ନାନା ଅମଙ୍ଗଳ ଗୋଡାଇଛି।“

(i) ବୋହୂ-ମାଉ୍ସୀ କେଉଁଠାରୁ କେଉଁ ଜାଗାକୁ ଆସିଥିଲା? [1]

(ii) ବୋହୂର ଭାଗ୍ୟ ଖରାପ ବୋଲି ମାଣିକ କାହିଁକି କହିଲା? [2]

(iii) ବାଘସିଂହ ଘରେ ନିଆଲାଗିଥିବା ସମୟରେ ବୁଢ଼ା ପୁରୋହିତ କେଲୁ ରଥ କିପରି ମଣିଷ ପଣିଆ ଦେଖାଇଥିଲା? [2]

(iv) ଉପସ୍ଥିତ ଲୋକେ ଘର ପୋଡ଼ିର କାରଣ କ'ଣ ବୋଲି ମତବ୍ୟକ୍ତ କରିଥିଲେ? [5]

**Question 14** [10]

ଦୁଇ ବିଲୁଆ ବରଫଳ ଖାଇବା ପାଇଁ କଳି କରୁଥିବାର ଦେଖି ଗୋବିନ୍ଦା ଭଣ୍ଡାରି କି ଅଘଟଣ ଘଟାଇଲା ଓ ତା ଫଳ କ'ଣ ହେଲା ବର୍ଣ୍ଣନା କର।

**Question 15** [10]

ଫତେପୁର ସରଷଣ୍ଡ ଜମିଦାରୀ ମଙ୍ଗରାଜ ନିଜ ଅଧିନକୁ କିପରି ନେଇଥିଲା?